# Joint Press Release of the 12th round of India-China Corps Commander Level Meeting

August 02, 2021

## ଭାରତ-ଚୀନ ମଧ୍ୟରେ ଦ୍ୱାଦଶ ପର୍ଯ୍ୟାୟ କର୍ପସ୍ କମାଣ୍ଡରସ୍ତରୀୟ ବୈଠକକୁ ନେଇ ମିଳିତ ପ୍ରେସ ବିଜ୍ଞପ୍ତି

**ଅଗଷ୍ଟ 02, 2021**

ଭାରତ-ଚୀନ ମଧ୍ୟରେ ଦ୍ୱାଦଶ ପର୍ଯ୍ୟାୟ କର୍ପସ୍ କମାଣ୍ଡରସ୍ତରୀୟ ବୈଠକ ଭାରତୀୟ ପାର୍ଶ୍ୱରେ ଥିବା ଚୁସୁଲ-ମୋଲଡୋ ସୀମା ନିକଟରେ ଅନୁଷ୍ଠିତ ହୋଇଯାଇଛି। 14 ଜୁଲାଇରେ ଦୁଶାନବେଠାରେ ଭାରତ ଏବଂ ଚୀନର ବୈଦେଶିକ ମନ୍ତ୍ରୀମାନଙ୍କର ବୈଠକ ଏବଂ 25 ଜୁନରେ ଅନୁଷ୍ଠିତ ଭାରତ-ଚୀନ ସୀମା ବ୍ୟାପାର (ଡବ୍ଲୁଏମସିସି) ଉପରେ ବିଚାର ବିମର୍ଷ ଏବଂ ସମନ୍ୱୟ ରକ୍ଷା ପାଇଁ ୱାର୍କିଂ ମେକାନିଜିମର 22ତମ ବୈଠକ ପରେ ଏହି କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ଭାରତ-ଚୀନ ସୀମା ଅଞ୍ଚଳର ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ସୈନ୍ୟ ପ୍ରତ୍ୟାହାର ସମ୍ବନ୍ଧିତ ବାକି ସମସ୍ୟାର ସମାଧାନ ନିମନ୍ତେ ଦୁଇ ପକ୍ଷ ଖୋଲା ଏବଂ ଗଭୀର ଭାବେ ମତ ବିନିମୟ କରିଥିଲେ। ଉଭୟ ପକ୍ଷ ଉଲ୍ଲେଖ କରିଥିଲେ ଯେ ଏହି ପର୍ଯ୍ୟାୟ ବୈଠକ ଗଠନମୂଳକ ଥିଲା ଏବଂ ପାରସ୍ପରିକ ବୁଝାମଣାକୁ ଆହୁରି ବୃଦ୍ଧି କରିଥିଲା। ପ୍ରଚଳିତ ଚୁକ୍ତିନାମା ଓ ପ୍ରୋଟୋକଲ ଅନୁଯାୟୀ ବାକି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଏବଂ ଆଲୋଚନା ଓ ବୁଝାମଣାର ଗତି ବଜାୟ ରଖିବାକୁ ସେମାନେ ରାଜି ହୋଇଥିଲେ।

ଉଭୟ ପକ୍ଷ ମଧ୍ୟ ସହମତ ହୋଇଥିଲେ ଯେ ସେମାନେ ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ସ୍ଥିରତା ସୁନିଶ୍ଚିତ କରିବା ତଥା ମିଳିତ ଭାବେ ଶାନ୍ତି ବଜାୟ ରଖିବା ପାଇଁ ସେମାନଙ୍କର ପ୍ରଭାବୀ ଉଦ୍ୟମକୁ ଜାରି ରଖିବେ।

**ନୂଆଦିଲ୍ଲୀ**

**ଅଗଷ୍ଟ 02, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.